## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦୨।୨୦୨୨

| | |
|---|---|
| ୧,୯୪,୩୦୭ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ୧୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କମିଶନରେଟ ପୋଲିସ ପକ୍ଷରୁ ନିଶା ନିବାରଣ ପାଇଁ ପ୍ରୋଜେକ୍ଟ 'ଡ୍ରିମ୍ସ'ର ଶୁଭାରମ୍ଭ, କନଫରେନ୍ସ ହଲ, କମିଶନରେଟ ପୋଲିସ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**

- ୨୬ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପରିସର, ସକାଳ ୭ଟାରୁ ଆରମ୍ଭ।

## ସଂକ୍ଷେପରେ

### ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କଲା ଏନ୍‌ସିବି

**ଭୁବନେଶ୍ୱର,୧।୨(ବ୍ୟୁରୋ):** ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଓଡ଼ିଶା ଶାଖା ମଙ୍ଗଳବାର ଭୋର୍ ସମୟରେ ଖୋର୍ଦ୍ଧା ୧୬ ନଂ. ଜାତୀୟ ରାଜପଥ ଗୋଡ଼ିପଡ଼ା ଟୋଲ୍ ପ୍ଲାଜା ନିକଟରେ ଚଢ଼ାଉ କରି ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍‌କୁ ଜବତ କରିଛି। ଏଥିସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେ ହେଲେ ବିହାର ନୱାଡ଼ା ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ମନୋହର ଯାଦବ(୨୬)। ଉକ୍ତ ଟ୍ରକରେ ଥିବା ୪୫୯ କେଜି ଗଞ୍ଜେଇକୁ ଏନ୍‌ସିବି ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏନ୍‌ସିବି ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଜବତ ଗଞ୍ଜେଇ ଆନ୍ଧ୍ରପ୍ରଦେଶ ବିଜୟନଗ୍ରାମରୁ ବିହାର ଚାଲାଣ କରାଯାଉଥିବା ଏନ୍‌ସିବି ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି।

### ଭୋଟ ଲାଗି ଚେକ୍ ବଣ୍ଟନ ମାମଲା: ତଦନ୍ତରେ ମିଳିଲାନି ତଥ୍ୟ

**ଗୋପ,୧।୨(ଡି.ଏନ୍.ଏ.):** ଗୋପ ବ୍ଲକ ନୂଆଖୋଲମରା ପଞ୍ଚାୟତରେ ଗତ ସପ୍ତାହରେ ଜଣେ ସରପଞ୍ଚ ପ୍ରାର୍ଥୀ ମହିଳା ଗୋଷ୍ଠୀଙ୍କୁ ଭୋଟ ଦେବା ଉଦ୍ଦେଶ୍ୟରେ ବ୍ୟାଙ୍କ ଚେକ୍ ବଣ୍ଟନ କରିବା ଅଭିଯୋଗ ଆସିଥିଲା। ଏ ନେଇ ଖବର ପ୍ରଚାର ହେବା ପରେ ପ୍ରଶାସନିକ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଥିଲେ। ଗୋପ ତହସିଲଦାର ଏସ୍. କେ. ସାର୍ଗି ଏହି ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ଅଭିଯୋଗ ସତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ କହିଥିଲେ। ପରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରାଙ୍କ ସହ ଆଉ କେତେଜଣ ଅଧିକାରୀ ଏହି ପଞ୍ଚାୟତରେ ପହଞ୍ଚି ସୋମବାର ମହିଳା ଗୋଷ୍ଠୀଙ୍କୁ ଚେକ୍ ବଣ୍ଟନ ସମ୍ପର୍କରେ ତଦନ୍ତ କରିବା ବେଳେ ସେପରି କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳି ନ ଥିଲା। ଏ ସମ୍ପର୍କରେ ଥାନାଧିକାରୀ କାଳନ୍ଦୀ ବେହେରାଙ୍କୁ ପଚାରିବାରେ ଏହା ରାଜନୈତିକ ଘଟଣା ହୋଇଥିବାରୁ ମତାମତ ଦେଇପାରିବି ନାହିଁ ବୋଲି କହିଥିଲେ। ଅନ୍ୟପଟେ ଚେକ୍ ବଣ୍ଟନ କରିଥିବା ପ୍ରାର୍ଥୀଙ୍କୁ ପଚାରିବାରେ ଏହା ମୋ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିବା ସହ ପରାଜିତ ଭୟରେ ଏପରି ମିଥ୍ୟା ଅଭିଯୋଗ ଦର୍ଶାଇଥିବା ସୂଚନା ଦେଇଥିଲେ।

# ସ୍ଥିତି ଦୁର୍ବଳ ସତ୍ତ୍ୱେ ଏଏସ୍ଆଇ ଲେଖୁନି ଚିଠି

## ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ପ୍ରସଙ୍ଗ

**ପୁରୀ ଅଫିସ,୧।୨**

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହେଉଥିଲେ ମଧ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା (ଏଏସ୍ଆଇ) ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖୁନାହିଁ। ସମ୍ପ୍ରତି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୮ ଏପ୍ରିଲ ୪ରେ ୧୭ ଜଣିଆ ପ୍ରାଧିକୃତ ଟିମ୍ ଶ୍ରୀମନ୍ଦିର ଭିତରକୁ ଯାଇ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିଥିଲେ। ଏଥିରେ ଏଏସ୍ଆଇ ସଦସ୍ୟ ସାମିଲ ଥିଲେ। ଯାଞ୍ଚ ସରିବା ପରେ ଏ ସଂକ୍ରାନ୍ତ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯାଇଥିଲା। ସଂପୃକ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା, ରତ୍ନଭଣ୍ଡାର କାନ୍ଥ ଓଦାଳିଆ ରହିଛି। କାନ୍ଥର ତଳଠାରୁ ଉପର ପର୍ଯ୍ୟନ୍ତ ଅନେକ ଫାଟ ସୃଷ୍ଟି ହୋଇଛି ଓ ଛାତରୁ ପଲସ୍ତରା ଖସି ଲୁହାରଡ଼ ଦେଖାଯାଉଛି। ଏଣୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ଆବଶ୍ୟକ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ଏହାସତ୍ତ୍ୱେ ଏଏସ୍ଆଇ କାହିଁକି ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖୁନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟରୁ ଏହା ଜଣାପଡ଼ିଛି ଯେ, ୨୦୧୮ ମସିହାଠାରୁ ରତ୍ନଭଣ୍ଡାର କିମ୍ବା ଏହାର ମରାମତି ସମ୍ପର୍କିତ କୌଣସି ଚିଠି ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ମିଳିନାହିଁ। ଶ୍ରୀମନ୍ଦିରର ସମସ୍ତ ମରାମତି କାର୍ଯ୍ୟ ଏଏସ୍ଆଇ ଦ୍ୱାରା ହେଉଥିବା ବେଳେ ରତ୍ନଭଣ୍ଡାର ମରାମତି ପାଇଁ ଆଗ୍ରହ ନ ଦେଖାଇବା ପଛର କାରଣ କ'ଣ ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ୧୯୭୫ ଫେବୃଆରୀ ୩ରେ ଶ୍ରୀଜଗନ୍ନାଥ ମନ୍ଦିରକୁ ଜାତୀୟ କୀର୍ତ୍ତିରାଜି ଘୋଷଣା କରାଯାଇଥିଲା। ସେବେଠାରୁ ଏଏସ୍ଆଇ ଶ୍ରୀମନ୍ଦିରର ସଂରକ୍ଷଣ ଦାୟିତ୍ୱ ନେଇଛି। ୧୯୭୯ ଅଗଷ୍ଟ ୨୨ରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଏବଂ ଏଏସ୍ଆଇ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଶ୍ରୀମନ୍ଦିର, ପାର୍ଶ୍ୱ ଦେବଦେବୀ ମନ୍ଦିର, କୁରୁମ ବେଢ଼ା, ମେଘନାଦ ପାଚେରି ସଂରକ୍ଷଣ କରାଯିବାକୁ ଚୁକ୍ତି ହୋଇଥିଲା। ଏଣୁ ଏଏସ୍ଆଇ ତୁରନ୍ତ ରତ୍ନଭଣ୍ଡାର ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିବା ଆବଶ୍ୟକ ବୋଲି ମରାଳ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ନିଜ ପକ୍ଷରୁ ଉଦ୍ୟମ ଆରମ୍ଭ କଲେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହୋଇପାରିବ। ମରାମତି କରିବାରେ କୌଣସି ସମସ୍ୟା ନାହିଁ ବୋଲି ଏଏସ୍ଆଇ କାର୍ଯ୍ୟାଳୟରୁ କୁହାଯାଇଛି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ବଜେଟ ୨୦୨୨-୨୩ ଉପସ୍ଥାପନ କରୁଥିବାବେଳେ ଭୁବନେଶ୍ୱରର ଏକ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍‌ରେ ଲୋକେ ଟିଭିରୁ ଦେଖୁଛନ୍ତି।

## ଭାଜପା ସମ୍ପାଦିକା ନିଲମ୍ବିତ

**କଟକ ସଦର, ୧।୨ (ଡି.ଏନ୍.ଏ.)**

କଟକ ଜିଲା ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସବିତାରାଣୀ ଦାସଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ଏ ନେଇ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। କଟକ ଜିଲା ଓ ୪୨ ମୌଜାର ୬ନଂ.ଜୋନ୍‌ରୁ ଦାସ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ନିର୍ବାଚନ ଲଢୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ବେହେରା କହିଛନ୍ତି।

## ୨ ଲକ୍ଷର ବ୍ରାଉନସୁଗାର ଜବତ, ମହିଳା ଗିରଫ

**ଭୁବନେଶ୍ୱର,୧।୨(ବ୍ୟୁରୋ)**

ଭରତପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଅବକାରୀ ପୋଲିସ ଜଣେ ମହିଳା ବ୍ରାଉନସୁଗାର ବେପାରୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ସତ୍ୟନଗର ବସ୍ତିର ଲକ୍ଷ୍ମୀ ଦାସ(୪୦)। ତାଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨୧ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀ ସ୍ଥାନୀୟ ଅଞ୍ଚଳରେ ବ୍ରାଉନସୁଗାର କାରବାର କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ମଙ୍ଗଳବାର ସେ ଘରେ ବେପାର କରୁଥିବାବେଳେ ଅବକାରୀ ଟିମ୍ ଚଢାଉ କରି ତାଙ୍କୁ କାବୁ କରିଥିଲା। ତେବେ ଚଢାଉବେଳେ ଦୁଇଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଜିତ



@ ବିଶ୍ୱନାଥ



@ କୁନ୍ମୁନ୍



@ ସଦାଶିବ



@ ଦୀପଙ୍କର



@ ହରେକୃଷ୍ଣ

# ଗାଁରେ ହାତୀଙ୍କ ଉତ୍ପାତ, ଲୋକେ ଭୟଭୀତ

**ଯାଁଳା/ ନିରାକାରପୁର,୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସଞ୍ଜ ନଇଁଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଛି। ଏନେଇ ଅଭିଯୋଗ ସତ୍ତ୍ୱେ ବନ ବିଭାଗ ସେଭଳି ପଦକ୍ଷେପ ନେଉନାହିଁ ବୋଲି ଅଭିଯୋଗ ହେଉଛି। ମଙ୍ଗଳବାର ଜଟଣୀ ବ୍ଲକ ଅନ୍ତର୍ଗତ ଗ୍ରାମୁଡିହ ଗ୍ରାମରେ ୫ଟିକିଆ ହାତୀପଲ ପଶି ଲୋକଙ୍କ ପାଚେରି ଭାଙ୍ଗିବା ସହ ଫସଲ ଖାଇଥିଲେ। ପରେ ହାତୀପଲ ପିତାପଲ୍ଲୀ-ଚନ୍ଦକା ରାସ୍ତା ଅତିକ୍ରମ କରୁଥିବାରୁ ପ୍ରାୟ ଏକ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ହାତୀଙ୍କୁ ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ପରେ ହାତୀପଲ ରାସ୍ତା ପାରି ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀଙ୍କୁ ଜଙ୍ଗଲ ଅଭିମୁଖେ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ସେହିପରି ଏକ ହାତୀ ଜଙ୍କିଆ ଥାନା ପଛପଟେ ଥିବାରୁ କର୍ମଚାରୀ ଓ ଥାନାକୁ ଆସୁଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ଭୂଷଣ୍ଡପୁର ଫରେଷ୍ଟର ରାକେଶ ପଣ୍ଡାଙ୍କ ସମେତ ବନ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଭୂଷଣ୍ଡପୁର ଫରେଷ୍ଟର ପଣ୍ଡା କୁହନ୍ତି, ହାତୀଟି ଥାନା ପଛପଟ ଏବଂ ଜଙ୍କିଆ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ବୁଲୁଛି। ଜଙ୍ଗଲ ଅଭିମୁଖେ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।



# ଭୁବନେଶ୍ୱରରୁ ଲୁଟିଲେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

## ଜାନୁୟାରୀ ସାଇବର ଠକେଇ ରିପୋର୍ଟ

**■୩୩୧ ଅଭିଯୋଗ, ଫେରିଛି ୯ ଲକ୍ଷ ୪୭ ହଜାର ଟଙ୍କା**

**ଭୁବନେଶ୍ୱର,୧।୨(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରର ଲୋକଙ୍କୁ ଯେତେ ସଚେତନ କରାଗଲେ ମଧ ସେମାନେ ଚେତୁନାହାନ୍ତି। ଲୋଭରେ ପଡି ହେଉ ଅବା ଅଜାଣତରେ ସାଇବର ଠକେଇର ଶିକାର ହେଉଛନ୍ତି। ସାଇବର ଠକମାନେ ବିଭିନ୍ନ କୌଶଳ ଆପଣାଇ ଲୋକଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା ଲୁଟୁଛନ୍ତି। ଗତ ଡିସେମ୍ବରରେ ସହରରୁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବାବେଳେ ଜାନୁୟାରୀରେ ଠକେଇ ପରିମାଣ ଶିଖର ଛୁଇଁଛି। ମାସକରେ ଭୁବନେଶ୍ୱରରୁ ସାଇବର ଠକମାନେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ତେବେ ଭୁବନେଶ୍ୱର ଡିସିପି ଅଫିସ ଆଣ୍ଟି ଫ୍ରଡ୍ ସେଲ୍ (ଏଏଫ୍‌ସି) ମାତ୍ର ଅଳ୍ପ ଟଙ୍କା ଫେରାଇ ଆଣିପାରିବାରେ ସକ୍ଷମ ହୋଇଛି। ଏଏଫ୍‌ସି ହେଲ୍ପ ଡେସ୍କ ମଙ୍ଗଳବାର ପ୍ରକାଶ କରିଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଜାନୁୟାରୀରେ ହେଲ୍ପ ଡେସ୍କକୁ ସାରା ଓଡ଼ିଶାରୁ ୩୬୦ଟି କଲ୍ ଆସିଛି। ସେଥିମଧ୍ୟରୁ ଭୁବନେଶ୍ୱରରୁ କେବଳ ୩୩୧ ସାଇବର ଠକେଇ ଅଭିଯୋଗ ରହିଛି। ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଠକେଇ ସମ୍ପର୍କିତ ୧୯୨ ଅଭିଯୋଗ, କ୍ରେଡିଟ କାର୍ଡ/ଡେବିଟ୍ କାର୍ଡ ଦ୍ୱାରା ୧୦୨ ଏବଂ ଅନ୍ୟାନ୍ୟ ଠକେଇ ସମ୍ବନ୍ଧୀୟ ୩୭ଟି କଲ ଆସିଛି। ଭୁବନେଶ୍ୱରରୁ ସାଇବର ଠକମାନେ ୧ କୋଟି ୩୧ ଲକ୍ଷ ୨୫ ହଜାର ୩୦ ଟଙ୍କା ଲୁଟିଥିବାବେଳେ ହେଲ୍ପ ଡେସ୍କ ମାତ୍ର ୯ ଲକ୍ଷ ୪୭ ହଜାର ୫୫୦ ଟଙ୍କା ଫେଆଇ ଆଣି ପାରିଛି। ସାଇବର ସୁରକ୍ଷା ପୋର୍ଟାଲ ଦ୍ୱାରା ୪୪ଟି ନମ୍ବରକୁ ବ୍ଲକ କରାଯାଇଛି। ସେହିପରି ତେବେ ୩ ଲକ୍ଷ ୧୭ ହଜାର ୮୭୯ ଟଙ୍କା ବ୍ଲକ୍ କରାଯାଇଥିବା ହେଲ୍ପ ଡେସ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୨ ଆନ୍ତଃଜିଲା ଡକାୟତ ଗିରଫ

## ବନ୍ଧୁକ, ବାଇକ୍, ମୋବାଇଲ ଜବତ

**କଟକ ଅଫିସ, ୧।୨**






ଦରଘାବଜାର ପୋଲିସ ଦୁଇଜଣ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ଗଣ୍ଡରପୁରର ସୁରେଶ ଗଜେନ୍ଦ୍ର(୩୬) ଓ ଯାଜପୁର ଜିଲା ବାଲିଚନ୍ଦ୍ରପୁର ମୁସ୍ତାକିରୀ ଅଞ୍ଚଳର ଅସିତ୍ କୁମାର କର। ଏମାନଙ୍କଠାରୁ ଗୋଟିଏ ବନ୍ଧୁକ, ୪ଟି ଗୁଳି, ଗୋଟିଏ ବାଇକ୍, ସ୍କୁଟି ଓ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ସୋମବାର ଅପରାହ୍ନ ପ୍ରାୟ ୪ଟାରେ କଦମରସୁଲ ଅଞ୍ଚଳର ଅବଦୁଲ ଫୟାଜୁଦ୍ଦିନ ଗୌରୀଶଙ୍କର ପାର୍କ ପଛ ପାର୍ଶ୍ୱରେ ଗାଡି ଧରି ଛିଡା ହୋଇଥିବାବେଳେ ଗୋଟିଏ ପଲ୍‌ସର ବାଇକରେ ତିନି ଜଣ ଯୁବକ ପହଞ୍ଚିଥିଲେ। ହଠାତ୍ ଅବ୍‌ଦୁଲଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକ ଦେଖାଇ ଗାଡି ଛଡାଇବାକୁ ଉଦ୍ୟମ କରିଥିଲେ। ଅବ୍‌ଦୁଲ ପାଟି କରିବାରୁ ନିକଟରେ ଥିବା ଲୋକମାନେ ପହଞ୍ଚି ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରିଥିଲେ। ଅନ୍ୟଜଣେ ଖସି ପଳାଇଥିଲେ। ଖବରପାଇ ଦରଘାବଜାର ପିସିଆର ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେମାନେ ବିଭିନ୍ନ ଜିଲାରେ ଡକାୟତି, ଲୁଟ୍ କରୁଥିଲେ। ଏମିତି କି ଗ୍ୟାଙ୍ଗ ଲିଡର ସୁରେଶ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ତାଙ୍କ ନାଁରେ ୩୧ଟି ମାମଲା ରହିଛି। ୨୦୧୦ରେ ଏକ ଡକାୟତି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍‌ରେ ଥିଲେ। ଜାମିନରେ ଆସିବା ପରେ ପୁଣି ବେଆଇନ କାର୍ଯ୍ୟରେ ଲିପ୍ତ ଅଛନ୍ତି।



ତ୍ରିବେଣୀ ଅମାବାସ୍ୟା ଅବସରରେ ମଙ୍ଗଳବାର ସାଗର ବିଜେ ନୀତି ପାଇଁ ଅମାବାସ୍ୟା ନାରାୟଣଙ୍କୁ ମହୋଦଧିକୁ ବିଜେ କରାଯାଉଛି।



ଆସନ୍ତା ୫ ତାରିଖରେ ବସନ୍ତ ପଞ୍ଚମୀ। ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ ରାସ୍ତା ପାର୍ଶ୍ୱରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ମା' ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସଜାଇ ରଖିଛନ୍ତି।




ଭୁବନେଶ୍ୱର ରାସ୍ତାରେ ରବିବାର ଏକ ଅଟୋରେ ପିଲାମାନେ ବିପଜ୍ଜନକ ଅବସ୍ଥାରେ ଯାଉଛନ୍ତି।

